ପାଠ-୨୨

# ୱିକେଟ୍ ଉଡ଼ିଗଲା



ୱାସିମ୍ ଓ କନୱାର
ଦୁଇ ସାଙ୍ଗ ।
କନୱାର ବୁଲି
ଆସିଥିଲା ୱାସିମ୍
ଘରକୁ ।

ଚୁଲିରେ ତାୱା ବସାଇ ୱାସିମ୍‌ର ମାଆ ଆମ୍‌ଲେଟ୍ କଲେ । ୱାସିମ୍ ଓ କନୱାର ଖୁସିରେ ଖାଇଲେ ।

ଖାଇସାରି କନୱାର କହିଲା - "ୱାସିମ୍, ଚାଲ ବାହାରକୁ ଯିବା ।
ହାୱାରେ ବୁଲିବା ।
ପଡ଼ିଆରେ କ୍ରିକେଟ ଖେଳିବା ।"



ଦୁହେଁ ବ୍ୟାଟ୍ ଓ ୱିକେଟ୍ କାଠି ଧରି ବାହାରିଲେ। ପଡ଼ିଆରେ କନଓ୍ବାର ବଲ୍ ଫିଙ୍ଗିଲା। ଓ୍ବାସିମ୍‌ର ୱିକେଟ୍‌ରେ ବଲ୍ ବାଜିଲା। ୱିକେଟ୍ ପତ୍ରପରି ଉଡ଼ିଗଲା ଉପରକୁ। ହାଓ୍ବାରେ ଉଡୁଥାଏ ୱିକେଟ୍। ଓ୍ବାସିମ୍ ଓ କନଓ୍ବାର କହିଲେ -

"ଖସିପଡ଼ ଖସିପଡ଼ ତଳକୁରେ ୱିକେଟ୍
ଆମେ ଦୁହେଁ ସାଙ୍ଗ ହୋଇ ଖେଳିବୁ ଯେ କ୍ରିକେଟ୍।"



# ଅଭ୍ୟାସ

୧. ଚିତ୍ର ଦେଖି ପଢ଼ିବା ।









ତାଓ୍ୱା ଓ୍ୱିକେଟ୍ ତଲଓ୍ୱାର ଯଓ୍ୱାନ

୨. ହଂସ ଅଣ୍ଟରେ ଥିବା 'ଓ୍ୱ' ଅକ୍ଷରରୁ ଲେଖାଥିବା ଶବ୍ଦଗୁଡ଼ିକର 'ଓ୍ୱ' ଅକ୍ଷରକୁ ଯୋଗକରିବା ।

ହାଓ୍ୱା ଗୁଡ଼ି ତାଓ୍ୱା କନଓ୍ୱାର ଢୋଲ ଓ୍ୱାଚ୍ ଓ୍ୱାସିମ ଓ୍ୱାଗନ୍




୩. ଚିତ୍ରକୁ ଦେଖିବା, ଖାଲିଘରେ କଣ ହେବ ଲେଖିବା ।

କ) ମାଆ ______ ରେ ରୁଟି ସେକୁଥିଲେ ।



ଖ) ଖସିପଡ଼ ଖସିପଡ଼ ତଳକୁରେ ______ ।



୪. ବିନ୍ଦୁ ଯୋଡ଼ି ଦେଖିବା କ'ଣ ହେଉଛି ।



୫. ଚିତ୍ର ଦେଖି ପୂରା ଧାଡ଼ି ତଳ ଘରେ ଲେଖିବା ।

ହାୱାରେ  ଉଡ଼ିଲା ।

ୱାସିମ୍‌ର ମାଆ  ରେ ଆମ୍‌ଲେଟ୍ କଲେ ।

୬.


ଫ୍ରକ୍


ଟ୍ରକ୍


ନକ୍ଷତ୍ର


ପତ୍ର



ମୁଦ୍ରା


ମୁଦ୍ରିକା

( ) 'ର' ଫଳା ଲାଗିଥିବା ଅକ୍ଷରକୁ ଗୋଲ ବୁଲାଇବା ।

୭. ହଳନ୍ତ ( ୍ ) ଲାଗିଥିବା ଅକ୍ଷରରେ ପିଲାର ବଲ୍ ପଡ଼ିବ ।

ବଲ୍‌ରୁ ଗାର ଟାଣି ସେହି ଅକ୍ଷରକୁ ଯୋଡ଼ିବା ।

ଗୋଲ୍

ପୋକ

ହଠାତ୍

ଫୁଟ୍‌ବଲ୍



ଗେଟ୍

କୋଟ୍

ନୋଟ୍

ଛୋଟ

ୱାଗନ୍

ଗେଲ

୮. ଗାଇବା ଓ ଲେଖିବା ।



ଝୁଲ୍‌ରେ ହାତୀ ଝୁଲ୍,
ବାଆ ପାଣି ଖାଇ ଫୁଲ୍ ।

## ୯. ଆସ ପଢ଼ିବା ଓ ଗାଇବା ।

କଳା ମେଘ କୋଳେ
ବିଜୁଳି ମାରିଲା ଚକ୍ ଚକ୍
ବିଜୁଳି ରାଣୀର ଦେହ
କେଡ଼େ ଗୋରା ଡକ୍ ଡକ୍ ।
ବରଷା ପଡ଼ିଲା ବେଙ୍ଗୁଲୀ
ଡେଇଁଲା ଫକ୍ ଫକ୍
ଭାଡ଼ି ତଳେ ରହି କୁକୁଡ଼ା
ଡାକିଲା କକ୍ କକ୍ ।

ଚକ୍ ଚକ୍, ଡକ୍ ଡକ୍ ପରି କିଛି ଶବ୍ଦ କହିବା ।





## ଶିକ୍ଷକ ଓ ଅଭିଭାବକଙ୍କ ପାଇଁ ସୂଚନା

- ପୂର୍ବପାଠମାନଙ୍କ ପରି ଏହି ପାଠ ମଧ୍ୟ ଚିତ୍ର ଦେଖା ସହ ୨/୩ ଥର ପଢ଼ା ହେବ।

- ପାଠଟି ପଢ଼ିଲାବେଳେ 'ୱ', ହଳନ୍ତ ଓ 'ର' ଫଳା ଥିବା ଶବ୍ଦକୁ ଅଧିକ ଜୋର ଦେଇ ପଢ଼ା ହେବ।

- ପିଲା ସୂଚନା ବୁଝି କାମ କରିବାରେ ଶିକ୍ଷକ ସାହାଯ୍ୟ କରିବେ।

- ଅଭ୍ୟାସ ୧, ୬ ଓ ୭ର କାମ ବେଳେ ଯଥାକ୍ରମେ 'ୱ', ର '୍' ଫଳା ଓ ହଳନ୍ତ ଥାଇ ଅନ୍ୟ ଶବ୍ଦ ପିଲାମାନେ ମନରୁ କହିବା କାମ ହେବା ଆବଶ୍ୟକ।

- ଅଭ୍ୟାସ ୯ରେ ପ୍ରତ୍ୟେକ ପିଲା ଗାଇବା ଓ ତା'ପରେ ଶବ୍ଦ କହିବା କାମ କରାହେବ।

- ୧୨ ପିରିଅଡ଼ର ଏହି ପାଠରୁ ଶିକ୍ଷାର୍ଥୀଙ୍କ 'ୱ', 'ର' ଫଳା ( ୍ ), 'ହଳନ୍ତ' ( ୍ ) ଚିହ୍ନିବା ଓ ଏଗୁଡ଼ିକ ବ୍ୟବହାର ଥାଇ ଶବ୍ଦ ପଢ଼ିବା, ଲେଖିବା ଓ ବ୍ୟବହାର କରିବା ଓ ବୁଝି ପ୍ରକାଶ କରିବା ଇତ୍ୟାଦି ଦକ୍ଷତାର ବିକାଶ ହେବ।